# Akashvani, Sambalpur

## SAMBALPURI NEWS EVENING BULLETIN

**5 April 2025- 7.02 pm- 7.12 pm.**

**********************************************

୧- ରାଏଜେ ଆଏବା ୧୧ ତାରିଖ୍ ଲାଗୁ ହେବା ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ।

୨- ଓଡ଼ିଆ ପକ୍ଷ ପାଳନ୍ ଅବ୍‌ସରେ ଆଏଜ୍ ସାରା ରାଏଜେ ଆୟୋଜିତ ହେଇଛେ ଗଣଦୌଡ଼ ।

୩- ରୁକୁଣା ରଥଯାତ୍ରା ଅବ୍‌ସରେ ମାଉସୀ ଘର୍‌କେ ବାହାରିଛନ୍ ପ୍ରଭୁ ଲିଙ୍ଗରାଜ ।

ଆଉର୍

୪- ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା କାଏଲ୍‌ଠାନୁ ବଢ଼୍‌ବା ତାତି- ଅନୁମାନ୍ କଲା ପାଣିପାଗ୍ କେନ୍ଦ୍ର ।

ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା I&PR

କଟକ୍ ବାଲିଯାତ୍ରା ପଡ଼ିଆଠାନେ ଆଏବା ୧୧ ତାରିଖ୍ ଦିନ ରାଏଜେ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍

ହେବ। । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଇ ଅବ୍ସରେ ଯୋଜ୍ନାର୍ ଶୁଭାରମ୍ଭ କର୍ବେ । କାର୍ଯ୍ୟକ୍ରମ୍ ଆଘୋନୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ୍ ମହାଲିଙ୍ଗ୍ ବାଲିଯାତ୍ରା ପଡ଼ିଆ ବୁଲିକରି ପ୍ରସ୍ତୁତିର୍ ସମୀକ୍ଷା କରିଛନ୍ । ଇ ବାବ୍ଦେ ସାମ୍ବାଦିକ୍ ମାନ୍କୁ ଆଏଜ୍ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍, ବାଲିଯାତ୍ରା ପଡ଼ିଆ ନ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଅଶ୍ୱିନୀ ବୈଷ୍ଣବ୍, ଜୁଏଲ୍ ଓରାମ୍ ପ୍ରମୁଖ ଯୋଗ୍ ଦେବେ । ରାଏଜେ ଥିବା ୧ ହଜାର ୪ ଶହ ୫ ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍କେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ର ସିଧା ପ୍ରସାରଣ୍ କରାଯିବା । ଆୟୁଷ୍ମାନ୍ ଯୋଜ୍ନାଥି ମିଲୁଥିବା କାର୍ଡ଼ ଜରିଏ ଦେଶର୍ ୨୯ ହଜାର୍ନୁ ଅଏତ୍କା ଡାକ୍ତର୍ଖାନା ମାନ୍କେ ହିତାଧିକାରୀମାନେ ଚିକିତ୍ସା ସୁବିଧା ପାଇପାର୍ବେ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ ।

(ଭଏସ୍ ଓଭର୍- ମୁକେଶ୍ ମହାଲିଙ୍ଗ୍)

ଆୟୁଷ୍ମାନ୍ ଭାରତ୍ - ପ୍ରଧାନ୍ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍ନା ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନାଥି ରାଜ୍ୟର୍ ୧ କୋଟି ୩ ଲାଖ୍ ନୁ ଅଏତ୍କା ପରିବାର୍ ଉପକୃତ୍ ହେବେ । ଇଥି ରାଜ୍ୟର୍ ୩ କୋଟି ୪୬ ଲାଖ୍ ନୁ ଅଏତ୍କା ଲୋକ୍ ଲାଭ୍ ପାଏବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ବହୁତ୍ ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ଆଏବା ସୋମ୍‌ବାର୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍‌ର ନୂଆଁ ରେଲ୍ ପ୍ରବନ୍ଧକ୍/ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍‌ର ନୂଆଁ ରେଲ୍ ପ୍ରବନ୍ଧକ୍ ଭାବେ ସୁବାସ୍ ଚନ୍ଦ୍ର ଚୌଧୁରୀ ଆଏଜ୍ ଦାୟିତ୍ୱ ନେଇଛନ୍ । ଶ୍ରୀ ଚୌଧୁରୀ ଭାରତୀୟ ରେଲ୍‌ବାଇର ବୈଦ୍ୟୁତିକ ଇଞ୍ଜିନିୟର୍ ସେବାର ୧୯୯୫ ବେଚ୍ ଅଧିକାରୀ । ଇତାର୍ ଆଘୋନୁ ଶ୍ରୀ ଚୌଧୁରୀ ଉତର୍‌ପୂର୍ବ ରେଲ୍‌ପଥ୍ ଗୋରଖ୍‌ପୁର୍ ନ ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ (ନିର୍ମାଣ) ଭାବେ କାମ୍ କରୁଥିଲେ । ଶ୍ରୀ ଚୌଧୁରୀ ଧାନ୍‌ବାଦ୍ ରେଲ୍‌ମଣ୍ଡଲ୍‌ଥି ଅତିରିକ୍ତ ରେଲ୍ ପ୍ରବନ୍ଧକ୍ ଆଉ ମୁଖ୍ୟପ୍ରକଳ୍ପ ପ୍ରବନ୍ଧକ୍ ଗତିଶକ୍ତି ଭାବେ ଭିଲ୍ କାମ୍ କରିଛନ୍ ।

ଓଡ଼ିଆ ପକ୍ଷ

କଲାହାଣ୍ଡି/ ବର୍‌ଗଡ଼୍/ ଦେବ୍‌ଗଡ଼୍/ ବୌଦ୍ଧ/ ସମ୍ବଲ୍‌ପୁର୍/ ନୂଆପଡ଼ା/ ସୁବର୍ଣ୍ଣପୁର୍

ରାଜ୍ୟ ସରକାରଙ୍କ ତର୍‌ଫୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷ ୨୦୨୫ର ୫ ନମ୍ବର ଦିନେ ଆଏଜ୍ ରାଜ୍ୟ କ୍ରୀଡ଼ା ଆଉ ଯୁବ ସେବା ବିଭାଗ ତର୍‌ଫୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ହେଇଯାଇଛେ । ଗଣଦୌଡ଼ ଭୁବନେଶ୍ୱର ଖଣ୍ଡଗରିଠାନୁ ମୁଲ୍ ହେଇକରି କଳିଙ୍ଗ ଷ୍ଟୁଡିଓ ଛକ୍ ତକ୍ ଯାଇଥିଲା । ଓଡ଼ିଆ ଭାଷା, ସଂସ୍କୃତି ଆଉ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣାଦୌଡ଼କେ ଉଦ୍‌ଘାଟନ୍ କରି କରି ଐତିହ୍ୟସ୍ଥଳୀମାନ୍‌କର ସୁରକ୍ଷା ଲାଗି ଆହ୍ୱାନ୍ ଦେବାର୍ ସହେତେ ଓଡ଼ିଶାର କଳା, ଶିଳ୍ପ, ସ୍ଥାପତ୍ୟ, ଐଶ୍ୱର୍ଯ୍ୟକେ ଫେର୍‌ଘାଏ ବିଶ୍ୱପ୍ୟାପୀ କର୍‌ବାର୍ ଲାଗି ଆହ୍ୱାନ୍ କରିଛନ୍ ।

ସମ୍ବଲପୁର ଜିଲ୍ଲା ପ୍ରଶାସନ୍ ଆଉ କ୍ରୀଡ଼ା ବିଭାଗ୍ ତର୍‌ଫୁ ଐତିହ୍ୟ ଗଣଦୌଡ଼ ଆୟୋଜିତ ହେଇଯାଇଛେ । ଗଣଦୌଡ଼ ମା' ସମଲେଶ୍ୱରୀ ମନ୍ଦିର୍‌ଠାନେ ଥିବା ଘଂଟାଘର୍‌ର ରାସ୍ତା ସାମ୍ନାନୁ ବାହାରିକରି ନେଲ୍‌ସନ୍ ମଣ୍ଡେଲା ଛକ୍‌ତକ୍ ଯାଇଥିଲା ।

କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାଠାନେ ଜିଲ୍ଲା କ୍ରୀଡ଼ା ବିଭାଗ ତର୍‌ଫୁ ଐତିହ୍ୟ ଗଣଦୌଡ଼ ହେଇଯାଇଛେ । କାର୍ଯ୍ୟକ୍ରମକେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ୍ ଶୁଭାରମ୍ଭ କରିଥିଲେ । ଓଡ଼ିଆ ସଂସ୍କୃତି, ପରମ୍ପରା, ଓଡ଼ିଆ ଅସ୍ମିତା ଆଉ ବିକଶିତ୍ ଓଡ଼ିଶାର ସପନ୍‌କେ ପୂରା କର୍‌ବାର ଲାଗି ଇ ଅବ୍‌ସରେ

ଜିଲ୍ଲାପାଳ ଆହ୍ୱାନ୍ ଦେଇଛନ୍ । ଗଣଦୌଡ଼ ମାଁ ମାଣିକେଶ୍ୱରୀ ମନ୍ଦିରକୁ ବାହାରିକରି ଘୋଡ଼ାଘାଟ୍ ଛକ୍‌ତକ୍ ଯାଇଥିଲା ।

ବରଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ପାଇକମାଲଠାନେ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ୍ କରାଯାଇଥିଲା । ଗଣଦୌଡ଼ ପାଇକମାଲ କସ୍ତୁରବା ଗାନ୍ଧୀ ମାତୃ ନିକେତନଠାନୁ ବାହାରିକରି ଐତିହ୍ୟସ୍ଥଳୀ ନୃସିଂହନାଥ ମନ୍ଦିରତକ୍ ଯାଇଥିଲା । କାର୍ଯ୍ୟକ୍ରମକେ ବିଡିଓ ପ୍ରଫୁଲ୍ଲ କୁମାର ଓଦୁ ଉଦ୍‌ଘାଟନ୍ କରିଥିଲେ ।

ବୌଦ୍ଧ ଜିଲ୍ଲା ସଦର ମହକୁମାଠାନେ ଐତିହ୍ୟ ଗଣଦୌଡ଼ ହେଇଯାଇଛେ । ଗଣଦୌଡ଼କେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଶୁଭାରମ୍ଭ କରିଥିଲେ ।

ଦେବଗଡ଼ ଜିଲ୍ଲା କ୍ରୀଡ଼ା ବିଭାଗ, ଜିଲ୍ଲା କ୍ରୀଡ଼ା ସଂଘ ଆଉ ଜିଲ୍ଲା ପ୍ରଶାସନ ତରଫରୁ ହେଇଥିବା ଐତିହ୍ୟ ଗଣଦୌଡ଼କେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଗଣଦୌଡ଼ ସହରର ପୁରୁଣା ଜିଲ୍ଲାପାଳ କାର୍ଯ୍ୟାଳୟଠାନୁ ବାହାରିକରି ଐତିହ୍ୟର ସୁରକ୍ଷାର୍ ବାର୍ତା ଦେଇଥିଲା ।

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତରଫରୁ ଆୟୋଜିତ୍ ଐତିହ୍ୟ ଗଣଦୌଡ଼କେ ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ଶୁଭାରମ୍ଭ କରିଥିଲେ । ଗଣଦୌଡ଼ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟକୁ ବାହାରିକରି ସହର୍ ବୁଲିଥିଲା ।

ସୁବର୍ଣ୍ଣପୁର୍ ଠାନେ ହେଇଥିବା ଐତିହ୍ୟ ଗଣଦୌଡ଼କେ ଜିଲ୍ଲାପାଳ୍ ଅନ୍ୟା ଦାସ ଶୁଭାରମ୍ଭ କରିଥିଲେ । ଗଣଦୌଡ଼ ସହରେ ଥିବା ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ମନ୍ଦିର୍ ଠାନୁ

ବାହାରିକରି ଜଗନ୍ନାଥ୍ ମନ୍ଦିର୍‌ତକ୍ ଯାଇଥିଲା । ସୁବର୍ଣ୍ଣପୁର୍ ଜିଲ୍ଲା ନ ଥିବା ପୁରାତନ ଐତିହ୍ୟ କିର୍ତିରାଜିର୍ ସୁରକ୍ଷା ଲାଗି ଇ ଅବ୍‌ସରେ ଆହ୍ୱାନ୍ ଦିଆଯାଇଥିଲା ।

ପିଏମ୍ ମେରିଟାଇନ୍ ଡେ ଏକ୍ସ

ଦେଶର୍ ଅର୍ଥନୀତି, ପ୍ରତିରକ୍ଷା ଆଉ ବାଣିଜ୍ୟ କ୍ଷେତ୍ରଥି ମୁଖିଆ ଭୂମିକା ନେଉଥିବା ସାମୂଦ୍ରିକ ଶିଳ୍ପର୍ ଗୁରୁତ୍ୱକେ ବୁଝିକରି ଆଏଜ୍ ୬୨ ନମ୍ବର୍ ଜାତୀୟ ସାମୁଦ୍ରିକ ଦିବସ୍ ପାଳନ୍ କରାଯାଉଛେ । ୧୯' ବଛର୍ ଏପ୍ରିଲ୍ ମାସର୍ ୫ ତାରିଖ୍‌ଥି ଇ ଦିବସ୍ ପାଳନ୍ କରାହେସି । ସାମୁଦ୍ରିକ୍ ଅଭିଯାନ୍‌ର ଗୁରୁତ୍ୱ ଉପ୍‌ରେ ନଜର୍ ପକାବାର୍ ଆର୍ ସମୁଦ୍ର ଭିତ୍‌ରେ ବହୁତ୍ ଦିନ୍ ଧରିକରି କାମ୍ କରୁଥିବା ଲୁକ୍‌କୁ କୃତଜ୍ଞତା ଜ୍ଞାପନ୍ କର୍‌ବାର୍‌ଟା ଇ ଦିବସ୍ ପାଳନ୍‌ର ମୁଖିଆ ଲକ୍ଷ୍ୟ ଆଏ । ଇ ଦିବସ୍ ପାଳନ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ସାମୂଦ୍ରିକ ଇତିହାସ୍‌କେ ସୁର୍‌ତା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମୋଦୀ ଗୁଟେ ଭିଡ଼ିଓ ଜାରି କରିକରି ରାଷ୍ଟ୍ରନିର୍ମାଣ୍‌ଥି ସାମୁଦ୍ରିକ କ୍ଷେତ୍ରର୍ ଭୂମିକା ଉପ୍‌ରେ ଲୁକ୍‌କୁ ସୂଚ୍‌ନା ଦେଇଛନ୍ ।

ରୁକୁଣା ରଥଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ଚୈତ୍ ମାସର୍ ଉଜଲ୍ ପଖର୍ ଅଷ୍ଟମୀ ତିଥି ନ ଆଏଜ୍ ଭୁବ୍‌ନେଶ୍ୱର୍ ନ ଶ୍ରୀ ଲିଙ୍ଗରାଜ ମାହାପୁରୁଙ୍କର୍ ରୁକୁଣା ରଥଯାତ୍ରା ଚାଲିଛେ । ଲିଙ୍ଗରାଜ୍ ମାହାପୁରୁଙ୍କର୍ ରୁକୁଣା ରଥ ରଥ ଦାଣ୍ଡ ନ ଦୁଇପହରର୍ ୩ ବଜେ ମାଉସୀ ମା ମନ୍ଦିର୍ ଆଡ଼େ ଯାତ୍ରା ମୂଲ କରିଥିଲା ।

ଆଏଜ୍ ସଖାଲେ ସକାଳଧୂପ, ଭୋଗମଣ୍ଡପ ନୀତି ହେବାର୍ ଉତ୍‌ରୁ ମଏଧାନୁ ଯାତ୍ରା ପୂଜା ଚାଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଭୁ ଶ୍ରୀ ଲିଙ୍ଗରାଜ, ଶ୍ରୀ ଦୋଳଗୋବିନ୍ଦ ଆଉ ରୁକୁଣାଙ୍କୁ ନେଇକରି ୬ ଦିନର୍ ଲାଗି ମନ୍ଦିର୍ ଛାଡ଼ିକରି ମାଉସୀ ମା ମନ୍ଦିର ଯିବାର୍ ପରମ୍ପରା ରହିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅଶୋକାଷ୍ଟମୀ ଆଉ ରୁକୁଣା ରଥଯାତ୍ରାର୍ ଶୁଭେଛା ଜନେଇକରି ସାମାଜିକ୍ ଗଣମାଧ୍ୟମ୍ ଜରିଏ ଲିଙ୍ଗରାଜ୍ ମାହାପୁରୁଙ୍କର୍ କୃପାନୁ ସମସ୍ତଙ୍କର୍ ସୁଖ ସମୃଦ୍ଧି କାମନା କରିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ରାଜ୍ୟବାସୀଙ୍କୁ ଅଶୋକାଷ୍ଟମୀର୍ ଶୁଭ୍‌କାମନା ଜନେଇଛନ୍ ।

ଶ୍ରୀମନ୍ଦିର୍ ଦର୍ଶନ୍ ବନ୍ଦ୍ ପୁରୀ ସମ୍ବାଦଦାତା

ଚୈତ୍ ମାସର୍ ଉଜଲ୍ ପଖର୍ ରାମ୍ ନଅମୀ ତିଥି ନ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ପ୍ରଭୁ ଶ୍ରୀରାମଙ୍କର୍ ଜନ୍ମନୀତି ହେବା । ମଏଧାନର୍ ଧୂପ ଭୋଗ ଉଠ୍ବାର୍ ଉତ୍ରୁ ଶ୍ରୀ ରାମଚନ୍ଦ୍ର ନୀତି ଶେଷ୍ ହେବାର୍ ପରେ ପାଖାପାଖି ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସକାଲୁଆ କୋର୍ଟ ଆର୍ଏନ୍ୟୁ/ କଟକ୍

ବଢ଼୍ତି ଖରାକେ ନଜର୍ଥି ରଖିକରି ରାଜ୍ୟର୍ ସବୁ ଜିଲ୍ଲା ଅଦାଲତ୍ ଆଉ ନିମ୍ନ ଅଦାଲତ୍ ମାନ୍କୁ ଆଏବା ସୋମ୍ବାର୍ ଦିନ ଠାନୁ ସଖାଲୁ ଖୁଲାଯିବା । କୋର୍ଟ କାମ୍ ମଏଧାନର୍ ୧ ବଜେତକ୍ ଚାଲ୍ବା । ହାଇକୋର୍ଟ ରେଜିଷ୍ଟ୍ରାର୍ଙ୍କର୍ ତର୍ଫୁ ସବୁ ଜିଲ୍ଲାର୍ ଜିଲ୍ଲା ଦୌରା ଜଜ୍ଙ୍କୁ ଇ ବାବ୍ଦେ ନିର୍ଦ୍ଦେଶ୍ନାମା ଜାରି କରାଯାଇଛେ ।

ସ୍କୁଲ୍ ଫିସ୍ ହି.ସ.

ଘରୋଇ ବିଦ୍ୟାଲୟ ମାନ୍କେ ଫିସ୍ କେ ଧାରିଜ୍ ସୀମା ଭିତ୍ରେ ରଖ୍ବାର୍ ଲାଗି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ

ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଧାରିଜ୍ ହେଇଥିବା ଫିସ୍ ର ପରିମାଣ୍‌ନୁ ଅଏତ୍‌କା ହେଲେ ବିଦ୍ୟାଳୟମାନ୍‌କର୍ ବିରୋଧଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ କହିଛନ୍ । ନୂଆଁ ଜାତୀୟ ଶିକ୍ଷାନୀତି ଅନ୍‌ସାରେ ଅଙ୍ଗନବାଡ଼ି ଆଉ ଶିଶୁବାଟିକା ଦୁହିଟା ଚାଲ୍‌ବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସ୍ୱଷ୍ଟ କରିଛନ୍ ।

ପାରମ୍ପାରିକ୍ ଲୋକବାଦ୍ୟ ପ୍ରତିଯୋଗିତା ଆର୍‌ଏନ୍‌ୟୁ/

ସମ୍ବଲପୁର

ସମ୍‌ଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ଼ ତର୍‌ଫୁ ଚାଲିଥିବା ୨ ଦିନିଆ ପାରମ୍ପାରିକ୍ ଲୋକବାଦ୍ୟ ପ୍ରତିଯୋଗିତା ଆଏଜ୍ ଉଦ୍‌ଯାପିତ୍ ହେବା । ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ସଭାପତି ସଞ୍ଜୟ ବାବୁଙ୍କର୍ ସୂଚ୍‌ନା ଅନ୍‌ସାରେ ମନ୍ଦିର୍ ପରିସର୍ ନ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଦୁଲ୍‌ଦୁଲି ବଜା ଦଲ୍ ମାନ୍‌କର୍ ଭିତ୍‌ରେ ପ୍ରତିଯୋଗିତା ଚାଲିଛେ । ସେଆଡ଼େ ଗଲାକାଏଲ୍ ସମ୍ପର୍ଦା ପ୍ରତିଯୋଗିତା ହେଇଥିଲା ।

ବଡ଼ମାଲ୍ ଗୋଲାବାରୁଦ୍ କାର୍‌ଖାନା ବଲାଙ୍ଗିର୍

ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ବଡ଼ମାଲ୍ ଗୋଲାବାରୁଦ୍ କାର୍‌ଖାନା ଗୋଲାବାରୁଦ୍ ଉତ୍ପାଦନ୍ ଦିଗେ ଉଲ୍ଲେଖନୀୟ ସଫଲତା ହାସଲ୍ କରିଛେ । ଆଘୋ କାର୍‌ଖାନା ବଛରକ ୪ ଶହ ୩୩ କୋଟି ଟଙ୍କାର୍ ଗୋଲାବାରୁଦ୍ ଉତ୍ପାଦନ୍ କରୁଥିଲା ବେଲ୍‌କେ ଇହାଦେ ବଛର୍‌କ ୮ ଶହ ୯୦ କୋଟି ଟଙ୍କାର୍ ଉତ୍ପାଦନ୍ କରୁଛେ । ବଡ଼ମାଲ୍ କାର୍‌ଖାନା ଇହାଦେ ଦେଶର୍ ସେନାକେ ବାରୁଦ୍ ଯୁଗାବାର୍ ସହେତେ ୨ ଶହ କୋଟି ଟଙ୍କାର୍ ଗୋଲାବାରୁଦ୍ ବିଦେଶ୍‌କେ ରପ୍ତାନୀ ଭିଲ୍ କରୁଛେ ବଲି କାର୍‌ଖାନାର୍ ମୁଖ୍ୟ ମହାପ୍ରବନ୍ଧକ୍ ପ୍ରଦୀପ୍ ଦାସ ସୂଚ୍‌ନା ଦେଇଛନ୍ । ସେନ୍ତା କାର୍‌ଖାନା ତାର୍ ଲାଭର୍ କିଛି ଅଂଶ ସେ ଇଲାକା ନ ସ୍କୁଲ୍ ମାନ୍‌କେ ପିଇବାର୍ ପାଏନ୍, ଶୌଚାଳୟ ବ୍ୟବସ୍ଥା ଭିଲ୍ କରିଛେ ବଲି ଶ୍ରୀ ଦାସ କହିଛନ୍ ।

ସିଟି ଆଉ ଜିଏସ୍‌ଟି କମିଶନର        ବୌଦ୍ଧ ସମ୍ବାଦଦାତା

ରାଜ୍ୟ ସିଟି ଆଉ ଜିଏସ୍‌ଟି କମିଶନର ଜାମିନୀ ଷଡ଼ଙ୍ଗୀ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ କରି କରି ଜିଲ୍ଲାନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ କାମ୍‌ର ସମୀକ୍ଷା କରିଛନ୍ । ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ସଦ୍‌ଭାବନା ଗୃହନ ନିଜର୍ ହେଇଥିବା ସମୀକ୍ଷା ବୈଠକ୍‌ଥି ଜିଲ୍ଲାନ ସେତୁବନ୍ଧ, ପଂଚସଖା ଶିକ୍ଷା ସେତୁ, ପିଏମ୍‌ଶ୍ରୀ

ବିଦ୍ୟାଳୟ ଯୋଜ୍ନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜ୍ନା କାର୍ଡ ବଂଟା ପ୍ରସ୍ତୁତି, ଅନ୍ତ୍ୟୋଦୟ ଗୃହ ଯୋଜ୍ନାର ଅଗ୍ରଗତି, ପିଇବାର୍ ପାଏନ୍ ଯୋଗାଣ, ଖାଉଟି ମାନଙ୍କର କେଓ୍ୱାଇସିର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ ।

ପରିସଂଖ୍ୟାନ ବିଭାଗ୍-ବିଶ୍ୱବେଙ୍କ୍ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପରିସଂଖ୍ୟାନ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ବିଶ୍ୱ ବ୍ୟାଙ୍କର ବୈଷୟିକ୍ ଟିମ୍ ଭୁବନେଶ୍ୱରଠାନେ ରାଜ୍ୟ ଅର୍ଥନୀତି ଆଉ ପରିସଂଖ୍ୟାନ୍ ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କର୍ ସଙ୍ଗେ ଆଲୋଚନା କରିଛନ୍ । ଦୁଇଦିନିଆ ବୈଠକ୍‌ଥି ଓଡ଼ିଶାନ ପରିସଂଖ୍ୟାନ୍ ଭିତିକ୍ ତଥ୍ୟ ଇକୋସିଷ୍ଟମ୍‌ର ବିକାଶ କର୍‌ବାର ଦିଗ୍‌କେ ଜୋର୍ ଦିଆଯାଇଥିଲା । ଗୁଟେ ବର୍‌କସ୍ ପରିସଂଖ୍ୟାନ୍ ବ୍ୟବସ୍ଥା ଲାଗି ଅତ୍ୟାଧୁନିକ୍ ଜ୍ଞାନ କୌଶଳ ଅପ୍‌ନାବାର୍‌କେ ବିଶ୍ୱ ବ୍ୟାଙ୍କ ଦଲ୍ ଇ ଅବ୍‌ସରେ ପରାମର୍ଶ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ୫ ଟା ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ଧୁକାଗର୍ଡ଼ି ଆର୍ ସାମାଏନ୍ ବର୍ଷା ହେଇପାରେ । ସେନ୍ତା ଆଏବା ୨ ଦିନ୍ ଭିତ୍‌ରେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ତାତି ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କାଲ୍‌ବୈଶାଖୀର୍ ଲାଗି ଆଏଜ୍ ଟିଟିଲାଗଡ଼୍, ସୁବର୍ଣ୍ଣପୁର୍ ଆର୍ ବୌଦ୍ଧକେ ଛାଡ଼ିଦେଲେ ରାଜ୍ୟର୍ ସବୁ ସହରର୍ ତାତି ୪୦ ଡିଗ୍ରୀ ନୁ କମ୍ ରହିଥିଲା ।